# ବିପ୍ଳବୀ ବକ୍ସି ଜଗବନ୍ଧୁ



(ଖୋର୍ଦ୍ଧାର ଜଙ୍ଗଲ ଅଞ୍ଚଳରେ ଗୋଟିଏ ନିକାଞ୍ଚନ ଜାଗା । ସେଠାରେ ଚିନ୍ତିତ ଭାବରେ ବସିଥାନ୍ତି ସର୍ଦ୍ଦାର କରୁଣାକର, ସର୍ଦ୍ଦାର ଛୁଆଳସିଂହ, ନରଣଗଡ଼ର ଦଳବେହେରା ପ୍ରଭୃତି ପାଇକ ଦଳପତି ଓ ଅନେକ ପାଇକ । ଗୋଟିଏ ପଥରଦେହରେ ଭରାଦେଇ ଛିଡ଼ା ହୋଇଥା'ନ୍ତି ସେମାନଙ୍କର ନେତା ବକ୍ସି ଜଗବନ୍ଧୁ)

ଛୁଆଳସିଂହ- (ଦୀର୍ଘ ନିଃଶ୍ୱାସ ପକାଇ)ନା, ଆଉ ଚିନ୍ତାକରି କି ଲାଭ ? ଭାରତର ପ୍ରତ୍ୟେକ ରାଜ୍ୟ ଆଜି ଇଂରେଜ ଅଧିକାରରେ । ଓଡ଼ିଶାରେ ହିଁ କେବଳ ଆମେ ବର୍ଷବର୍ଷକାଳ ତାଙ୍କ ବିରୋଧରେ ଯୁଦ୍ଧ କରିଆସୁଛୁ । ଖୋର୍ଦ୍ଧାକୁ ଛାଡ଼ିଦେଲେ ଓଡ଼ିଶାର ସବୁ ଅଞ୍ଚଳକୁ ଇଂରେଜମାନେ ଦଖଲ କରିନେଲେଣି । କେତେ ଦିନ ଆଉ ଏକାକୀ ଖୋର୍ଦ୍ଧା ସେମାନଙ୍କୁ ଅଟକାଇ ପାରିବ ?

ବକ୍ସି- (ଦୃଷ୍ଟି ଫେରାଇ) ତେବେ, ତୁମେ କ'ଣ କହିବାକୁ ଚାହଁ, ଛୁଆଳସିଂହ ?

ଛୁଆଳସିଂହ- ଭାରତର କୋଟିକୋଟି ଲୋକ ଯେତେବେଳେ ଇଂରେଜ ଶାସନକୁ ମାନିନେଲେଣି, ଅଳ୍ପ କେତେ ହଜାର ପାଇକ ଇଂରେଜମାନଙ୍କୁ ହଟାଇ ପାରିବା ଆଉ ସମ୍ଭବ କି ?

କରୁଣାକର- ସମ୍ଭବ, ନିଶ୍ଚୟ ସମ୍ଭବ ।

ଛୁଆଳସିଂହ- ନା, ନୁହେଁ, କଦାପି ନୁହେଁ।

ଜଣେ ପାଇକ- କଦାପି ନୁହେଁ ? ତେବେ କ'ଣ ଆମେ ଇଂରେଜଙ୍କ ପାଖରେ ଶରଣ ପଶିବୁ, ଏଇଆ ତୁମର ଇଚ୍ଛା ଛୁଆଳସିଂହ ?

କରୁଣାକର- ନା, ନା, ତା' ହୋଇ ନ ପାରେ । ସୂର୍ଯ୍ୟ ପଶ୍ଚିମଦିଗରେ ଉଦୟ ହେଲେ ମଧ୍ୟ ତାହା ହେବ ନାହିଁ । ଜାତିର ସମ୍ମାନ ରକ୍ଷାପାଇଁ କେତେ ଯେ ପାଇକଙ୍କର ମସ୍ତକ ଯୁଦ୍ଧଭୂଇଁରେ ଗଡ଼ି ନାହିଁ ନା ଏବେ ବି କ'ଣ ସେମାନଙ୍କ ମସ୍ତକ ଗଡୁ ନାହିଁ ? ଏତେ ଚଞ୍ଚଳ କ'ଣ ଭୁଲିଗଲ ବୀର ନେତା ଜୟୀ ରାଜଗୁରୁଙ୍କୁ ? 'ଫାଶିଦିଆ' ବରଗଛରେ ଝୁଲେଇ ତାହାଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରି ନ ଥିଲେ ଇଂରେଜମାନେ ? ଏସବୁ କ'ଣ ମନେନାହିଁ ତୁମର ଛୁଆଳସିଂହ ?

ଛୁଆଳସିଂହ- ମନେଅଛି ସର୍ଦ୍ଦାର, ସବୁ ମନେଅଛି । କିନ୍ତୁ ଆମର ଅବସ୍ଥା ଯେ ଆଜି ଖରାପ ।

ଦଳବେହେରା – ଖରାପ ! କ'ଣ ଖରାପ, ଛୁଆଳସିଂହ ? ଲୋକେ ତ ଆମର ବଳ, ଲୋକେ ତ ଆମର ଶକ୍ତି । ଲୋକେ କ'ଣ ନାହାନ୍ତି ଆମ ପକ୍ଷରେ ? ଆମେ କ'ଣ ଲଢୁ ନାହୁଁ ସେମାନଙ୍କର ମଙ୍ଗଳପାଇଁ ? ଦମ୍ଭ ହରାଉଛ କାହିଁକି ?

(ଏହି ସମୟରେ ଝପଟସିଂହ ଓ ବଳିୟାରସିଂହ ନାମକ ଦୁଇଜଣ ପାଇକ ପ୍ରବେଶ କଲେ)

ବକ୍ସି- (ସେମାନଙ୍କୁ ଚାହିଁ) ଖବର କ'ଣ ?

ଝପଟସିଂହ-ଆପଣଙ୍କ ପରିବାରର ସମସ୍ତଙ୍କୁ ବାନ୍ଧିନେଇଛନ୍ତି ଇଂରେଜମାନେ। ମାଆ, ସ୍ତ୍ରୀ, ପୁଅ, ପୁତୁରା ସମସ୍ତଙ୍କୁ।



ବକ୍ସି- (ଟିକିଏ ନୀରବ ରହି) ତେବେ କ'ଣ କେଉଁଠି ହେଲେ ପାଇକମାନେ ଇଂରେଜଙ୍କ ସଙ୍ଗେ ଲଢ଼ିନାହାନ୍ତି ?

ବଳିୟାରସିଂହ- ରୋଡ଼ଙ୍ଗର ସାହିସାହି ଓ ଆଖପାଖର ଗାଆଁ ସବୁ ହୁତ୍‌ହୁତ୍ ହୋଇ ଜଳୁଛି ଆଜ୍ଞା।

ବକ୍ସି- କିନ୍ତୁ କେହି କ'ଣ କେଉଁଠି ବାଧା ଦେଇ ନାହାନ୍ତି ସେମାନଙ୍କୁ ?

ଝପଟସିଂହ-ଦେଇଛନ୍ତି ଆଜ୍ଞା । ସେଦିନ ଲେମ୍ବେଇ ପ୍ରଗଣାରେ ଇଂରେଜମାନଙ୍କର ତୋପ ଗର୍ଜି ଉଠିଲା। ଆମର ଦଳକୁ ଦଳ ପାଇକ ଗୁଳିଗୋଳାକୁ ଖାତିର ନକରି ସେମାନଙ୍କୁ ଆକ୍ରମଣ କଲେ। କେତେ ପାଇକ ଗୁଳି ମାଡ଼ରେ ଭୂଇଁରେ ଲୋଟିଗଲେ। ଆଉ ଜଣେ ପାଇକ ପାହାଡ଼ର କନ୍ଦି ବାଟେ ବୁଲିପଡ଼ି ତୀର ମାରି ଗଡ଼ାଇ ଦେଲେ ଇଂରେଜ ସୈନ୍ୟଙ୍କୁ। ସେଥିପାଇଁ ଅବସ୍ଥା ସମ୍ଭାଳି ହୋଇଗଲା, ନୋହିଲେ....

ଦଳବେହେରା- ନୋହିଲେ ?

ବଳିୟାରସିଂହ- ନୋହିଲେ ଆମର ଆହୁରି କେତେ ଯେ ପାଇକ ପ୍ରାଣ ହରାଇଥା'ନ୍ତେ କିଏ କହିବ !
ବନ୍ଧୁକ ନାହିଁ, କମାଣ ନାହିଁ,
ଗୁଳିଗୋଳା ବାରୁଦ ନାହିଁ।



ଛୁଆଳ- ଶୁଣ, ଶୁଣ ସମସ୍ତେ। ମୁଁ ଯେ କହୁଥିଲି ଅବସ୍ଥା ଶୋଚନୀୟ, ବୁଝ, ଏବେ ତାହା ସତ କି ନୁହେଁ ? ନା, ଉପାୟ ନାହିଁ ଆଉ।

ବକ୍ସି- (ଗମ୍ଭୀର ଭାବରେ ଜୋର ସହିତ) ଅଛି, ଉପାୟ ଅଛି ଛୁଆଳସିଂହ।

ଛୁଆଳ- ଖାଲି ଉପାୟ ଥିଲେ କ'ଣ ହେବ ବକ୍ସି ? ଅସ୍ତ୍ର କାହିଁ ?

ବକ୍ସି- ଅଛି, ଅସ୍ତ୍ର ଅଛି।

ସମସ୍ତେ- (ଏକ ସ୍ୱରରେ) କେଉଁଠି ଅଛି, କେଉଁଠି ଅଛି, ସେ କି ଅସ୍ତ୍ର, ସେନାପତି ?

ବକ୍ସି- ସେ ଏକ ନୂଆ ପ୍ରକାରର ଅସ୍ତ୍ର । ଅଛି ତୁମ ପାଖରେ, ଅଛି ମୋ ପାଖରେ, ଅଛି ପ୍ରତ୍ୟେକଙ୍କ ପାଖରେ । ସେ ଅସ୍ତ୍ର ହେଉଛି ଇଂରେଜମାନଙ୍କ ସହିତ ଅସହଯୋଗ ।



କରୁଣାକର- ଅସହଯୋଗ ! ସେ ପୁଣି କ'ଣ ?

ବକ୍ସି- ହଁ, ଅସହଯୋଗ । ଇଂରେଜ ବା ଇଂରେଜପକ୍ଷର ଜଣେ ହେଲେ କାହାରି ସହିତ ଆମେ କୌଣସି ସମ୍ପର୍କ ରଖିବା ନାହିଁ । ଇଂରେଜମାନେ ଆମଠାରୁ କର ଆଦାୟକରି ସେହି ଧନରେ ଆମ ବିରୋଧରେ ଲଢ଼େଇ କରୁଛନ୍ତି । ଆମରି କ୍ଷେତର ଶସ୍ୟରେ ପୂର୍ଣ୍ଣ କରୁଛନ୍ତି ତାଙ୍କର ଖାଦ୍ୟଭଣ୍ଡାର । ଆଜିଠାରୁ ସେମାନଙ୍କୁ ଗୋଟିଏସୁଦ୍ଧା କଉଡ଼ି ଦେବା ନାହିଁ । ଆମର ବିଶ୍ୱାଏ ଜମିରେ ମଧ୍ୟ ଲଙ୍ଗଳଗାର ମାରିବା ନାହିଁ । ପଡୁ, ବର୍ଷବର୍ଷ କାଳ ସମସ୍ତ ଜମି ପଡ଼ିଆ ପଡୁ । ଲୋକେ ଗ୍ରାମରେ ଥିବାରୁ ସିନା ସେମାନଙ୍କଉପରେ ଇଂରେଜମାନେ ଅତ୍ୟାଚାର କରୁଛନ୍ତି । ପରିବାରଘେନି ସମସ୍ତେ ଚାଲ ଜଙ୍ଗଲକୁ ଚାଲିଯିବା । ଏଣିକି ଦେଖିବା, ଇଂରେଜ ପକ୍ଷର ଲୋକ କେହି ଯେପରି ମୁଠାଏ ଅନ୍ନ କି ଟୋପାଏ ପାଣି କେଉଁଠାରେ ନ ପା'ନ୍ତି ।

କରୁଣାକର- ଏ ତ ଏକ ନୂଆ କୌଶଳ ! ବାସ୍ତବରେ ଏହା ଯଦି ସଫଳ ହୁଏ-

ବକ୍ସି- ହେବ, ହେବ, ନିଶ୍ଚୟ ସଫଳ ହେବ ସର୍ଦ୍ଦାର । ଇଂରେଜ ଏଣିକି କାହାଠାରୁ କର ଆଦାୟ କରିବ କରୁ, କାହାର ଫସଲ ନେବ ନେଉ, କାହା ଉପରେ ଅତ୍ୟାଚାର କରିବ କରୁ । ଦେଖ, ବିଚାର କରି ଦେଖ ।

ଦଳବେହେରା- ବିଚାର ଆଉ କ'ଣ ବକ୍ସି ? ଏହାହିଁ ତ ଶେଷ ନିଷ୍ପତ୍ତି ।

କରୁଣାକର- ବେଶ୍, ତା’ ହେଲେ ଆଜିଠାରୁ ଏହି ନୂଆ ଯୁଦ୍ଧ ଆରମ୍ଭ ହେଉ ।

ବକ୍ସି- ଆମେ ଏଇ ପନ୍ଥାରେ ଦୃଢ଼ ରହିଲେ ଦିନେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟ ହେବେ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ନିକାଞ୍ଚନ, ନିର୍ଦ୍ଦୟ, ଶରଣ, ଅଧିକାର, ଅସହଯୋଗ, ହୁତ୍‌ହୁତ୍, ବିରୋଧ, ପନ୍ଥା, ଅସ୍ତ୍ର

### ଶିକ୍ଷକଙ୍କପାଇଁ ସୂଚନା

- ଦେଶପାଇଁ ପ୍ରାଣବଳି ଦେଇଥିବା ବ୍ୟକ୍ତି ଚିରଦିନ ପୂଜାପାଏ, ଏ କଥା ବିଶଦଭାବେ ବୁଝାଇବେ ।
- ଜାତୀୟତାବୋଧ ଓ ବୀରପୁରୁଷଙ୍କ ବଳିଦାନ ସମ୍ବନ୍ଧରେ ଉଦାହରଣ ସହ ବୁଝାଇବେ ।
- ଆମ ରାଜ୍ୟର ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ କହିବେ ।
- ନାଟକର ଶୈଳୀ ସମ୍ବନ୍ଧରେ ପିଲାଙ୍କୁ ପ୍ରତ୍ୟକ୍ଷ ଧାରଣା ଦେବାପାଇଁ ଅଭିନୟକରି ଶ୍ରେଣୀଗୃହରେ ବିଷୟଟିକୁ ଉପସ୍ଥାପନ କରିବେ ।




୧. ଆସ ଅଭିନୟ ଛଳରେ କଥାବାର୍ତ୍ତା କରିବା ।

(କ) ‘‘ନା, ନା, ତା’ ହୋଇନପାରେ । ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦିତ ହେଲେ ମଧ୍ୟ ତାହା ହେବ ନାହିଁ ।’’

(ଖ) ‘‘ଲୋକେ ତ ଆମର ବଳ, ଲୋକେ ତ ଆମର ସାହସ ।’’

(ଗ) “କେଉଁଠି ଅଛି, କେଉଁଠି ଅଛି ? ସେ କି ଅସ୍ତ୍ର, ସେନାପତି ? ’’

(ଘ) ‘‘ଆମେ ଏଇ ପନ୍ଥାରେ ଦୃଢ଼ ରହିଲେ ଦିନେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟହେବେ ।’’

୨. ତଳେ କେତୋଟି ଶବ୍ଦ ଦିଆଗଲା । ଏଥିମଧ୍ୟରୁ ଯେଉଁଗୁଡ଼ିକୁ ଆମେ ଏହି ପାଠରେ ପଢ଼ିଛୁ ଆସ ତାକୁ ଖୋଜିବା ଏବଂ ବାକ୍ୟ ଗଢ଼ି ଲେଖିବା ।

ପାଇକ, ଫାଶି, ଘାସ, କଲମ, ଫସଲ, ଅସହଯୋଗ, ଶସ୍ୟ, ବିମାନ

________________________________________

________________________________________

________________________________________

________________________________________

________________________________________

________________________________________

________________________________________

________________________________________

୩. କିଏ କାହାକୁ ଏକଥା କହିଛନ୍ତି, ବହିରୁ ଖୋଜି ତଳେ ଦିଆଯାଇଥିବା ନାମ ସହିତ ଯୋଡ଼ ।

(କ) ''କେତେଦିନ ଆଉ ଏକାକୀ ଖୋର୍ଦ୍ଧା ସେମାନଙ୍କୁ ଅଟକାଇ ପାରେ ?''

(ଖ) ''ଲୋକେ ତ ଆମର ଶକ୍ତି, ଲୋକେ ତ ଆମର ସାହସ ।''

(ଗ) ''ଖାଲି ଉପାୟ ଥିଲେ କ'ଣ ହେବ, ଅସ୍ତ୍ର କାହିଁ ?''

(ଘ) '"ସେ ଏକ ନୂଆ ପ୍ରକାରର ଅସ୍ତ୍ର । ଅଛି ତୁମ ପାଖରେ, ଅଛି ମୋ ପାଖରେ, ଅଛି ପ୍ରତ୍ୟେକଙ୍କ ପାଖରେ ।''

| |
|---|
| ଛୁଆଁଳସିଂ, ଦଳବେହେରା, କରୁଣାକର, |
| ବକ୍ସି ଜଗବନ୍ଧୁ, ଝପଟସିଂହ, ବଳିୟାରସିଂହ |

୪. ଡାହାଣ ପାଖରୁ ଅକ୍ଷରଟିଏ ବାଛି ଆଣି ଶବ୍ଦଟିଏ ଗଢ଼ ।

ନିକା_____ ନ        କ_____

ବିରୋ_____        ପ_____

ସ_____ ନ        ନି_____ ୟ

ଞ୍ଚ, ତା, ହ୍ମା, ଧ, ର୍ଦ୍ଧ, ନ୍ଦି, ସ୍ଥା, ସ

୫. ଆସ ଉତ୍ତର ଲେଖିବା ।

(କ) ବକ୍ସି ଜଗବନ୍ଧୁ କିଏ ?

______________________________

______________________________

(ଖ) ଜୟୀ ରାଜଗୁରୁ କିଏ ?

______________________________

______________________________

(ଗ) ବକ୍ସିଙ୍କ ପରିବାରକୁ ଇଂରେଜମାନେ କାହିଁକି ବାନ୍ଧିନେଲେ ?

______________________________

______________________________

୬. ତଳ କୋଠରି ଭିତରୁ ଶବ୍ଦ ବାଛି ଖାଲିସ୍ଥାନ ପୂରଣ କର ।

(କ) ଭାରତର ପ୍ରତ୍ୟେକ ରାଜ୍ୟ ଆଜି __________ ଅଧିକାରରେ ।

(ଖ) __________ କୁ ଛାଡ଼ିଦେଲେ ଓଡ଼ିଶାର ସବୁ ଅଞ୍ଚଳ ଇଂରେଜମାନେ ଦଖଲ କଲେଣି ।

(ଗ) ସୂର୍ଯ୍ୟ __________ ରେ ଉଦିତ ହେଲେ ମଧ୍ୟ ତାହା ହେବ ନାହିଁ ।

(ଘ) __________ ର ସାହିସାହି ଓ ଆଖପାଖରେ ଗାଆଁ ସବୁ ହୁତ୍‌ହୁତ୍ ହୋଇ ଜଳୁଛି ।

(ଙ) ସେ ଅସ୍ତ୍ର ହେଉଛି ଇଂରେଜମାନଙ୍କ ସହ__________ ।

| |
|---|
| ଅସହଯୋଗ, ପଶ୍ଚିମ, ଇଂରେଜ, ରୋଡ଼ଙ୍ଗ, ଖୋର୍ଦ୍ଧା, ଅହିଂସା, ଶରଣ |

୭. ଏହି ବିଷୟଟିରେ ଅସହଯୋଗକୁ ଅସ୍ତ୍ର ରୂପେ ଗ୍ରହଣ କରାଯାଇଛି । ଏହା କିପରି ଅସ୍ତ୍ର ହେଲା ତାହା ନିଜ ଭାଷାରେ ଲେଖ ।

୮. ଚିତ୍ରଗୁଡ଼ିକୁ ଦେଖ ଓ ସେ ସଂପର୍କରେ ଯାହା ଭାବୁଛ ଲେଖ ।






୯. ଓଡ଼ିଶାର କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ତଳେ ଦିଆଗଲା । ସେମାନେ କିଏ କେଉଁ ସ୍ଥାନ ସହ ସଂପୃକ୍ତ ଥିଲେ ଗାର ଟାଣି ଦ୍ୱିତୀୟ ସ୍ତମ୍ଭରୁ ଚିହ୍ନାଇ ଦିଅ । (ଯଦି ଜାଣି ନାହଁ, ପଚାରି ବୁଝ)

| | | |
|---|---|---|
| (କ) ୧. | ବିର୍ସା ମୁଣ୍ଡା | ଖୋର୍ଦ୍ଧା |
| ୨. | ବକ୍ସି ଜଗବନ୍ଧୁ | କେନ୍ଦୁଝର |
| ୩. | ଧରଣୀଧର | ସୁନ୍ଦରଗଡ଼ |
| ୪. | ଲକ୍ଷ୍ମଣ ନାୟକ | ସମ୍ବଲପୁର |
| ୫. | ବୀର ସୁରେନ୍ଦ୍ର ସାଏ | କୋରାପୁଟ |

(ଖ) ଉପର ପ୍ରଶ୍ନରେ ଥିବା ଜିଲ୍ଲାଗୁଡ଼ିକୁ ମାନଚିତ୍ରରେ ଚିହ୍ନାଇ ଦିଅ ।

